# ପ୍ରହସନର ଅନ୍ୟନାମ ଓଡିଶା ବିଧାନସଭାରେ ସୂଚନା ଅଧିକାର ଆଇନ୍

## ଆଶା କ'ଣ ଥିଲା ?

ଏକଥା ଦୋହରାଇବା ନିଷ୍ପ୍ରୟୋଜନ ଯେ, ଶାସନ ବ୍ୟବସ୍ଥାର ତିନୋଟି ମୁଖ୍ୟ ସ୍ତମ୍ଭ, ବିଧାୟିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ସୂଚନା ଅଧିକାର ଆଇନ୍, ୨୦୦୫ ଅନୁଯାୟୀ ନିଜକୁ ସାର୍ବଭୌମତ୍ୱର ପ୍ରକୃତ ଓ ଚୂଡାନ୍ତ ଅଧିକାରୀ ସାଧାରଣ ଜନତାଙ୍କ ନିକଟରେ ପ୍ରତ୍ୟକ୍ଷ ଭାବେ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ଆବଶ୍ୟକୀୟ ନୀତିନିୟମ ପ୍ରଣୟନ କରିବେ । ଏହି ତିନୋଟି ସ୍ତମ୍ଭ ଅଧୀନରେ ଥିବା ଜନ କର୍ତ୍ତୃପକ୍ଷମାନଙ୍କୁ ଯଥାସ୍ଥିତି ସମୁଚିତ ସରକାର ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ ଆଖ୍ୟାୟିତ କରାଯାଇଛି ।  ଧାରା-୨(ଏ) ଅନୁଯାୟୀ ସମୁଚିତ ସରକାର କହିଲେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଧାରା-୨(ଇ) ଅନୁଯାୟୀ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନେ ହେଉଛନ୍ତି ରାଷ୍ଟ୍ରପତି, ରାଜ୍ୟପାଳ, ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଲୋକସଭାର ବାଚସ୍ପତି, ରାଜ୍ୟସଭାର ଅଧ୍ୟକ୍ଷ, ରାଜ୍ୟ ବିଧାନସଭାର ବାଚସ୍ପତି ତଥା ବିଧାନ ପରିଷଦର ଅଧ୍ୟକ୍ଷ । ଧାରା-୨୭ ଅନୁଯାୟୀ ସମୁଚିତ ସରକାର ତଥା ଧାରା-୨୮ ଅନୁଯାୟୀ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନେ ନିଜନିଜ କ୍ଷେତ୍ରାଧିକାର ଭିତରେ ଆଇନ୍‌ର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କେତେକ ସୁନିର୍ଦ୍ଦିଷ୍ଟ ପ୍ରାବ୍‌ଧାନ ଗେଜେଟ୍‌ରେ ବିଜ୍ଞାପିତ କରିବା ଜରୁରୀ । ସୁତରାଂ ଓଡିଶା ବିଧାନସଭାରୁ ଲୋକମାନେ କିପରି ଏହି ଆଇନ୍ ଅଧୀନରେ ସୂଚନା ହାସଲ କରିବେ ସେଥିପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ରୂପେ ବାଚସ୍ପତି ମହୋଦୟ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରିବା ସକାଶେ ଉତ୍ତରଦାୟୀ । କେଉଁସବୁ ବିଷୟରେ ଏବଂ କେଉଁ ସମୟସୀମା ଭିତରେ ଏହି ନିୟମାବଳୀ ପ୍ରଣୟନ କରାଯିବ, ତାହା ମଧ୍ୟ ଆଇନ୍ ଭିତରେ ଠାଏ ଠାଏ ସୁସ୍ପଷ୍ଟ କରିଦିଆଯାଇଛି । ପ୍ରଥମତଃ ଧାରା-୪ ଅନୁଯାୟୀ ଆଇନ୍ ପ୍ରବର୍ତ୍ତନ ହେବା ତାରିଖ (୧୨ ଜୁନ୍ ୨୦୦୫)ର ୧୨୦ ଦିନ ଭିତରେ, ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ଭିତରେ ବାଚସ୍ପତି ନିଜ ସଂସ୍ଥା ସମ୍ବନ୍ଧରେ ୧୬ ପ୍ରକାର ସ୍ୱୟଂ ପ୍ରକଟନୀୟ ସୂଚନା ଇଣ୍ଟରନେଟ୍ ସମେତ ବିଭିନ୍ନ ଜନ-ସୁଗମ ମାଧ୍ୟମରେ ପ୍ରକାଶନ କରିବେ । ଧାରା-୫ ଅନୁଯାୟୀ ଆଇନ୍ ପ୍ରବର୍ତ୍ତନ ହେବାର ୧୦୦ଦିନ ଭିତରେ ବାଚସ୍ପତି ନିଜ ସଂସ୍ଥା ପାଇଁ ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ତଥା ପ୍ରଥମ ଅପିଲ୍ ଅଧିକାରୀଙ୍କ ନାମ ତଥା ଠିକଣାଦି ଘୋଷଣା କରିବେ । ଏହାଛଡା ଉଲ୍ଲିଖିତ ଧାରା-୨୮ ଅନୁଯାୟୀ ବାଚସ୍ପତି ତିନିପ୍ରକାର ଫିସ୍ ଧାର୍ଯ୍ୟ କରିବେ, ଯଥା, ଧାରା ୪(୪) ଅଧୀନସ୍ଥ ସ୍ୱୟଂ ପ୍ରକଟନୀୟ ସୂଚନା ବିତରଣ ବାବଦରେ ଫିସ୍, ଧାରା ୬(୧) ଅଧୀନସ୍ଥ ଦରଖାସ୍ତ ଫିସ୍ ତଥା ଧାରା ୭(୧) ଅଧୀନସ୍ଥ ଆବେଦନ-ଭିତ୍ତିକ ସୂଚନା ପ୍ରଦାନ ବାବଦ ଫିସ୍ । ବର୍ତ୍ତମାନ ଆମେ ଦେଖିବା, ଆଇନ୍ କାର୍ଯ୍ୟକାରୀ ହେବାର ଅଢେଇବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲା ପରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଏଦିଗରେ କ'ଣ ସବୁ କରିଛନ୍ତି ?

## ବାଚସ୍ପତି – କାଳୀଗାଈର ଭିନ୍ନ ଗୋଠ

ପାଠକେ ଜାଣିଥିବେ, ଲୋକସଭାର ବାଚସ୍ପତି, ରାଜ୍ୟସଭାର ଅଧ୍ୟକ୍ଷ ତଥା ବହୁ ରାଜ୍ୟ ବିଧାନସଭାର ବାଚସ୍ପତିମାନେ ଆଇନ୍‌ର ଅନୁପାଳନ କରିବାକୁ ଯାଇ ଯଥାବିଧି ସେମାନଙ୍କର ନିୟମାବଳୀ କେବେଠାରୁ ପ୍ରଣୟନ କରି ବିଜ୍ଞାପିତ କରିସାରିଛନ୍ତି । ଏକଥା ସତ, ଓଡିଶା ସରକାର ଏବଂ ଓଡିଶା ହାଇକୋର୍ଟଙ୍କ ସୂଚନା ଅଧିକାର ନିୟମାବଳୀ ଅନେକ ଦୋଷତ୍ରୁଟିରେ ଆକ୍ରାନ୍ତ, କିନ୍ତୁ ସେମାନେ ଅନ୍ତତଃ ଆଇନ୍‌କୁ ସମ୍ମାନ ଜଣାଇ ନିଜର ନିୟମାବଳୀ ଯଥାକ୍ରମେ ୧ ଅକ୍ଟୋବର ୨୦୦୫ ଏବଂ ୮ ମେ ୨୦୦୬ରେ ରାଜ୍ୟ ଗେଜେଟ୍‌ରେ ବିଜ୍ଞାପିତ କରିସାରିଛନ୍ତି । କେବଳ ଓଡିଶା ବିଧାନସଭାର ବାଚସ୍ପତି ହିଁ ସୂଚନା ଅଧିକାର ନିୟମାବଳୀକୁ ଏଯାବତ୍ ବିଧିବଦ୍ଧ ଢଙ୍ଗରେ ବିଜ୍ଞାପିତ ନକରି ଆଇନ୍‌ର ନଗ୍ନ ଉଲ୍ଲଂଘନ ଘଟାଇ ଚାଲିଛନ୍ତି । କେବଳ ସେତିକି ନୁହେଁ, ସୂଚନା ଅଧିକାର ନାଁ ରେ ଓଡିଶାର ବାଚସ୍ପତି ଯେଉଁ କେଳଙ୍କାରି କରିଛନ୍ତି, ତାହାର ପଟାନ୍ତର ନାହିଁ, ଯାହା ଘଟାଇବାକୁ ଦେଶର କୌଣସି ସାମ୍ବିଧାନିକ କର୍ତ୍ତୃପକ୍ଷ ଏଯାବତ୍ ଅପସାହାସ କରିନାହାନ୍ତି କି ଯାବତ୍‌ଚନ୍ଦ୍ରାତ୍ କରିବେ ନାହିଁ । ସେହି କେଳଙ୍କାରି ଉପରେ ଆଲୋକପାତ କରିବା ଏହି କ୍ଷୁଦ୍ର ଆଲେଖ୍ୟର ମୂଳ ଉଦ୍ଦେଶ୍ୟ ।

## ମାନ୍ୟବର ବାଚସ୍ପତି ନା ପାଗଳ ହନୁ ?

ଆପଣ ଓଡିଶା ବିଧାନସଭାର ୱେବ୍‌ସାଇଟ୍‌ରେ ଥିବା ଆର୍.ଟି.ଆଇ. ଲିଙ୍କ୍ ଭିତରକୁ ଯାଆନ୍ତୁ । ପ୍ରଥମ ଦର୍ଶନରେ ମନେ ହେବ, ଓଡିଶା ସରକାର ଧାରା-୪ ଅଧୀନସ୍ଥ ୧୬ ପ୍ରକାର ସ୍ୱୟଂପ୍ରକଟନୀୟ ସୂଚନା ପ୍ରକାଶନ ପାଇଁ ଯେଉଁ ପ୍ରରୂପ ବା ଫର୍ମାଟ୍ ନିର୍ଦ୍ଧାରଣ କରିଛନ୍ତି, ତାକୁ ବୋଧହୁଏ ବିଧାନସଭାର ବାଚସ୍ପତି ଗ୍ରହଣ କରିନେଇ ନିଜ ସଂସ୍ଥା ବିଷୟରେ ସୂଚନା ପ୍ରଦାନ କରିଛନ୍ତି । କିନ୍ତୁ କିଛି ସମୟ ନିରିଖେଇ ଦେଖିଲେ ଆପଣଙ୍କର ଏକ ଭ୍ରମ ସୃଷ୍ଟି ହେବ, ମୋର ଆଖି ଠିକ୍ ଦେଖୁଛି ତ ? କାରଣ, ସେଠାରେ ମୋଟ୍ ୧୬ଟି ବିଷୟ

(ମାନୁଆଲ୍) ଭିତରୁ ଯେଉଁ ୧୦ଟି ବିଷୟରେ ସୂଚନା ପ୍ରଦାନ କରାଯାଇଛି, ପ୍ରଥମତଃ ୨ଟି ବିଷୟ (ମାନୁଆଲ୍-୫ ଓ ୭)ରେ କେବଳ ପ୍ରରୂପ ଦିଆଯାଇଛି, କୌଣସି ତଥ୍ୟ ନାହିଁ । ବାକି ୮ଟି ମାନୁଆଲ୍‌ରେ ଯେଉଁ ତଥ୍ୟ ପରିବେଷିତ ହୋଇଛି, ସେଗୁଡିକ ବିଧାନସଭା ସହିତ କୌଣସି ପ୍ରକାରେ ସଂପର୍କୀତ ନୁହେଁ, ବରଂ ପୁରାପୁରି ରାଜ୍ୟ ଗୃହବିଭାଗର । ଉଦାହରଣ ସ୍ୱରୂପ, ମାନୁଆଲ୍-୨ (ଅଧିକାରୀ ଓ କର୍ମଚାରୀମାନଙ୍କର କ୍ଷମତା ଓ ଦାୟିତ୍ୱାବଳୀ) ଅଧୀନରେ ୩ଜଣ ଅଧିକାରୀ (ପ୍ରମୁଖ ଶାସନ-ସଚିବ, ଅତିରିକ୍ତ ସଚିବ ଓ ଅନୁ-ସଚିବ)ଙ୍କ ବିଷୟରେ ଯେଉଁ ସୂଚନା ଦିଆଯାଇଛି, ତାହା ଗୃହବିଭାଗର । ପୁଣି ମାନୁଆଲ- ୧୦(ଅଧିକାରୀ ଓ କର୍ମଚାରୀମାନଙ୍କର ମାସିକ ପାରିଶ୍ରମିକ ସମ୍ବନ୍ଧୀୟ ସବିଶେଷ ତଥ୍ୟ)ରେ ତରୁଣ କାନ୍ତି ମିଶ୍ର (ପ୍ରମଖ ଶାସନ ସଚିବ), ବି.ସି.ଜେନା (ସ୍ୱତନ୍ତ୍ର ସଚିବ), ସୁରେନ୍ଦ୍ର ପନଓ୍ୱାର୍ (ସ୍ୱତନ୍ତ୍ର ସଚିବ) ଓ ଭାବଗ୍ରାହୀ ମିଶ୍ର ଓଗେର ମୋଟ ୭୬ଜଣ ବ୍ୟକ୍ତିଙ୍କ ଦରମା ବିଷୟରେ ସୂଚନା ଦିଆଯାଇଛି, ଯେଉଁମାନେ କି ସମସ୍ତେ ଗୃହବିଭାଗରେ ନିଯୁକ୍ତ । ତା'ପରେ ମାନୁଆଲ୍-୧୧ (ସଂସ୍ଥାର ବଜେଟ୍ ସଂବନ୍ଧୀୟ ତଥ୍ୟ)ରେ ପୋଲିସ୍, ଜେଲ୍, ହୋମ୍‌ଗାର୍ଡ, ନିର୍ବାଚନ ପରିଚାଳନା ଇତ୍ୟାଦି ବାବଦ ଅର୍ଥମଞ୍ଜୁର ସୂଚୀତ ହୋଇଛି, ଯାହାର ବିଧାନସଭା ସହିତ କୌଣସି ସଂପର୍କ ନାହିଁ । ଏହିପରି ଗୃହବିଭାଗର ସୂଚନା ପ୍ରକାଶନ ପ୍ରଣାଳୀକୁ ନକଲ କରିବାକୁ ଯାଇ ବାଚସ୍ପତି ନିଜ ବିଷୟରେ ଏକ ପାଗଳ ହନୁର ଭାବମୂର୍ତ୍ତୀ ସୃଷ୍ଟି କରିଛନ୍ତି । ମାନୁଆଲ୍ ଗୁଡିକର ଏପ୍ରକାର ଦୁରବସ୍ଥା ଘଟିଥିବା ବେଳେ କେବଳ ଗୋଟିଏ ଲିଙ୍କ୍ ବିଧାନସଭା ସହିତ ସଂପର୍କୀତ ଥିବା ପରି ମନେହୁଏ । 'ଆର୍.ଟି.ଆଇ. ଆକ୍ଟ' ଶୀର୍ଷକ ଏହି ଲିଙ୍କ୍‌ରେ ବିଧାନସଭାର ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ରୂପେ ଯୁଗ୍ମ ସଚୀବ ଶ୍ରୀ ଭବାନୀ ଶଙ୍କର ସେନାପତିଙ୍କୁ ଘୋଷଣା କରାଯାଇଛି; କିନ୍ତୁ ଆଇନ୍‌ର ମୂଳ କର୍ମକର୍ତ୍ତା, ଜନସୂଚନା ଅଧିକାରୀ ଓ ସହକାରୀ ଜନସୂଚନା ଅଧିକାରୀଙ୍କ ନାମ ଘୋଷଣା କରାଯାଇନଥିବାରୁ ଅପିଲ୍ ଅଧିକାରୀଙ୍କ ବିଷୟରେ ସୂଚନା ଲୋକମାନଙ୍କର କି କାମରେ ଆସିବ ?

**ବର୍ତ୍ତମାନ କ'ଣ କରିବାକୁ ହେବ ?**

ବଡ ବିସ୍ମୟର କଥା, ସୂଚନା ଅଧିକାର ଆଇନ୍‌କୁ କେନ୍ଦ୍ର କରି ଉପରୋକ୍ତ ଧରଣର ମତିଭ୍ରମ ଦୀର୍ଘଦିନ ଧରି ବିଧାନସଭାର ଓ୍ୱେବ୍‌ସାଇଟ୍‌ରେ ସୁଦୃଶ୍ୟ ହୋଇଆସୁଥିଲେ ହେଁ, ଗୃହର ନେତା (ମୁଖ୍ୟମନ୍ତ୍ରୀ)ଙ୍କ ଦପ୍ତର କିମ୍ବା ବିରୋଧୀଦଳ ନେତା ଏ ବିଷୟରେ କୌଣସି ପ୍ରଶ୍ନ ଉଠାଇଥିବାର ନଜିର୍ ନାହିଁ । ଆହୁରି ବିସ୍ମୟକର ହେଉଛି, ଏ ବିଷୟରେ ରାଜ୍ୟ ସୂଚନା କମିଶନ୍‌ଙ୍କ ନିଷ୍କ୍ରିୟତା । ଆଇନ୍‌ର ଧାରା-୨୫ ଅନୁଯାୟୀ କମିଶନ୍ ନିଜ ଇଲାକା ଭିତରେ ଥିବା ପ୍ରତି ଜନକର୍ତ୍ତୃପକ୍ଷଙ୍କ ଆଚରଣ ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯାହା କି ପରିଶେଷରେ ବିଧାନସଭାରେ ଉପସ୍ଥାପିତ ହେବ ଏବଂ ଯଦି କୌଣସି ଜନକର୍ତ୍ତୃପକ୍ଷ ଆଇନ୍‌ର ଭାବ ବା ଭାଷାକୁ ଉଲ୍ଲଂଘନ କଲାଭଳି ଆଚରଣ କରିଥାଆନ୍ତି, ତେବେ ତହିଁର ସଂସ୍କାର ପାଇଁ ସେ ମଧ୍ୟ ସୁପାରିଶ୍ କରିପାରିବେ । ସୁତରାଂ ପ୍ରଶ୍ନ ଉଚ୍ଛୁଛି, ବିଧାନସଭାର ଉପରୋକ୍ତ ଓ୍ୱେବ୍‌ସାଇଟ୍ କ'ଣ କମିଶନ୍‌ଙ୍କ ଦୃଷ୍ଟିଗୋଚର ହୋଇନାହିଁ ? ଏହାଛଡା, ସମ୍ବିଧାନର ଧାରା ୧୭୫(୨) ଅନୁଯାୟୀ ରାଜ୍ୟପାଳ ବିଧାନସଭାକୁ ଯେ କୌଣସି ବ୍ୟାପାରରେ ପରାମର୍ଶ ଦେଇପାରିବେ ଏବଂ ଧାରା ୧୮୮ ଅନୁଯାୟୀ ରାଜ୍ୟପାଳ ହିଁ ବାଚସ୍ପତିଙ୍କ ସମେତ ଗୃହର ସମସ୍ତ ସଦସ୍ୟଙ୍କୁ ଶପଥପାଠ କରାଇଥାନ୍ତି । ତେଣୁ ପ୍ରଶ୍ନ ଉଠୁଛି, ଓଡିଶା ରାଜ୍ୟପାଳ ବିଧାନସଭାର ବାଚସ୍ପତିଙ୍କ ଦ୍ୱାରା ସୂଚନା ଅଧିକାର ଆଇନ୍‌ର ଅବମାନନା ବିରୁଦ୍ଧରେ କ'ଣ ପଦକ୍ଷେପ ନେଇଛନ୍ତି ? ସର୍ବୋପରି, ଶାସକ କି ବିରୋଧୀ ଦଳର ବିଧାୟକମାନେ ଏ ବିଷୟରେ ଉଦାସୀନ କାହିଁକି ? ପାଠକବର୍ଗଙ୍କର ମନେ ଥିବ, ଗତ ଏପ୍ରିଲ୍ ୨୦୦୬ରେ ବିଧାୟକମାନେ ରାଜ୍ୟ ସୂଚନା ଅଧିକାର ନିୟମାବଳୀର ଆମୂଳଚୂଳ ପରିବର୍ତ୍ତନ ପାଇଁ ଦାବୀ କରି ଗୃହରେ ବିତର୍କ କରିଥିବାରୁ ଦେୟ ହ୍ରାସ୍ , ଇମେଲ୍ ଯୋଗେ ଆବେଦନର ସୁଯୋଗ, ତଥା ଧାରା-୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନାର ନିରୀକ୍ଷଣ ପାଇଁ ଲୋକମାନଙ୍କର ଅଧିକାର ସପକ୍ଷରେ ସଂଶୋଧନ ଗୃହୀତ ହୋଇପାରିଥିଲା । ସୁତରାଂ, ବିଧାନସଭା ନିଜେ ଜନଗଣଙ୍କ ନିକଟରେ ସ୍ୱଚ୍ଛ ଓ ଉତ୍ତରଦାୟୀ ରହିବା ପାଇଁ ସୂଚନା ଅଧିକାର ଆଇନ୍‌କୁ କଡାକଡି ଭାବେ ପାଳନ କରିବାର ପ୍ରାବ୍ଧାନକୁ ସୁନିଶ୍ଚିତ କରିବାର ଦାୟିତ୍ୱ ସମସ୍ତ ବିଧାୟକମାନଙ୍କର ନୁହେଁ କି ? ବର୍ତ୍ତମାନ ପରିସ୍ଥିତିରେ ଯଦି ବିଧାନସଭାର ବାଚସ୍ପତି ନିଜେ ସୂଚନା ଅଧିକାର ବ୍ୟାପାରରେ ନିଜର ଅପକୃତିକୁ ତୁରନ୍ତ ସଂଶୋଧନ ନକରନ୍ତି, ତଥା ମୁଖ୍ୟମନ୍ତ୍ରୀ, ବରୋଧୀଦଳ ନେତା, ରାଜ୍ୟପାଳ ତଥା ବିଧାୟକଗଣ ଏଥିପାଇଁ ବାଚସ୍ପତିକୁ ବାଧ୍ୟ ନକରନ୍ତି, ତେବେ ସାଧାରଣ ଜନତାଙ୍କୁ ହିଁ ପେଟେଣ୍ଟ ମେଡିସିନ୍ ବାହାର କରିବାକୁ ପଡିବ ସମ୍ବିଧାନର ଅରଣା ମଇଁଷିମାନଙ୍କୁ କାବୁ କରିବା ପାଇଁ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mob: 9437577546, 28 April, 2008**